# Akashvani, Sambalpur

# SAMBALPURI NEWS MORNING BULLETIN

# 4 September 2026 - 6.47- 6.52 am.

---

ସିଏମ୍ କିଷାନ୍ ସାହାଜ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ କୃଷି ଶିକ୍ଷା ସଦନ୍ -ଓୟୁଏଟି ଠାନେ ଆଏଜ୍ ଚଲ୍‌ତି ୨୦୨୬-୨୭ ରବି ଋତୁ ଲାଗି ସିଏମ୍ କିଷାନ୍ ସାହାଜ୍ ଟଙ୍କା ହସ୍ତାନ୍ତର୍ କର୍‌ବେ । ୪୧ ଲାଖ୍ ନୁ ଅଏତ୍‌କା କ୍ଷୁଦ୍ର ଆଉ ନାମମାତ୍ର, ବିଶେଷ୍ ଭାବେ ଅନୁନ୍ନତ ଜନଜାତି ସମୂହ ଚାଷୀ ଆଉ ଭୂମିହୀନ୍ କୃଷକ୍ ପରିବାର୍ ଇଥୁ ଲାଭ୍ ପାଏବେ । ୮ ଶହ ୩୩ କୋଟିନୁ ଅଏତ୍‌କା ଟଙ୍କାର୍ ଆର୍ଥିକ୍ ସାହାଜ୍ ଡିବିଟି ଜରିଏ ଚାଷୀମାନ୍‌କର୍ ଏକାଉଂଟ୍‌କେ ଦିଆଯିବା । ସଖାଲର୍ ସାଢ଼େ ୧୧ ବଜେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ସାଂସଦ୍ ଆଉ ବିଧାୟକ୍ ମାନେ ଉପସ୍ଥିତ୍ ରହେବେ ।

ବିଧାନ୍‌ସଭା ଅଧିବେଶନ୍      ଆଇ.ଆଣ୍ଡ୍.ପି.ଆର୍

ସପ୍ତଦଶ ବିଧାନ୍‌ସଭାର୍ ୭ ନମ୍ବର୍ ଅଧିବେଶନ୍ ଆଏବା ୨୨ ତାରିଖ୍‌ନୁ ମୁଲ୍ ହେବା । ଇ ବାବ୍‌ଦେ ବିଧାନ୍‌ସଭା ସଚିବାଲୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଅକ୍ଟୋବର୍ ୩ ତାରିଖ୍‌ତକ୍ ଇ ଅଧିବେଶନ୍ ଚାଲ୍‌ବା । ଆଉ ଇଥି ୮ ଟା ସର୍‌କାରୀ ଆଉ ଗୁଟେ ବେସର୍‌କାରୀ କାର୍ଯ୍ୟଦିବସ୍‌କେ ମିଶେଇକରି ମୋଟ୍ ୯ ଟା କାର୍ଯ୍ୟଦିବସ୍ ରହିଛେ । ସେପ୍ଟେମ୍ବର୍ ୨୬ ଆଉ ୨୭ ତାରିଖ୍ ସର୍‌କାରୀ ଛୁଟି ଲାଗି ଗୃହ କାର୍ଯ୍ୟ ବନ୍ଦ୍ ରହେବା । ସେନ୍ତା ଅକ୍ଟୋବର୍ ୨ ତାରିଖ୍ ଗାନ୍ଧୀ ଜୟନ୍ତୀ ଲାଗି ଭିଲ୍ ଗୃହ କାର୍ଯ୍ୟ ବନ୍ଦ୍ ରହେବା ବଲି ବିଜ୍ଞପ୍ତିନୁ ଜନାପଡ଼ିଛେ ।

୪ ନୂଆଁ କଲେଜ୍      ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଲୟ ଅଧୀନ୍‌ଥି ମୁଲ୍ ହେବାର୍‌କେ ଥିବା ୪ ଟା ନୂଆଁ କଲେଜ୍‌ର ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ସମୀକ୍ଷା କରିଛନ୍ । ଇଥିର୍‌ଲାଗି ଆଘୋନୁ ରାଜ୍ୟ

ସର୍କାର୍ ଅନୁମୋଦନ୍ ଦେଇଥିଲେ । ସେଥିର୍‌ଭିତ୍‌ରୁ ସମ୍ବଲ୍‌ପୁର୍ ନ ପ୍ରାଣୀଚିକିତ୍ସା ଆଉ ପ୍ରାଣୀପାଲନ୍ ମହାବିଦ୍ୟାଳୟ, ସୁବର୍ଣ୍ଣପୁର୍ ନ ମତ୍ସ୍ୟ ମହାବିଦ୍ୟାଳୟ, ବଲାଙ୍ଗିର୍ ଆଉ ମୟୁର୍‌ଭଞ୍ଜ୍ ନ ନୂଆଁ କୃଷି ମହାବିଦ୍ୟାଳୟ ଥାପ୍‌ନା ହେବା । ଇ ଚାର୍‌ହି କଲେଜ୍‌ର ଡିପିଆର୍ ପ୍ରସ୍ତୁତି ସ୍ଥାୟୀ ଆଉ ଅସ୍ଥାୟୀ କେମ୍ପସ୍ ବଛା ହେବାର୍ ସହେତେ ୫୦ କୋଟି ଟଙ୍କାର୍ ବଜେଟ୍ ଆବଂଟିତ୍ ହେଇସାରିଛେ । ମୟୁର୍‌ଭଞ୍ଜ୍ କଲେଜ୍ ଲାଗି ୩୩ ଟା ପଦ୍‌ବୀ ତିଆର୍ ହେଇଛେ । ଚଲ୍‌ତି ବଛର୍ ୬୦ ଝନ୍ ଛାତ୍ରଛାତ୍ରୀ ଇଥି ନାଁ ଲେଖେଇଛନ୍ । ବାକି ତିନ୍‌ହି କଲେଜ୍ ନ ଆଏବା ବଛର୍‌ନୁ ନାଁଲେଖା ମୁଲ୍ ନୁ ହେବା । ବୈଠକ୍‌ଥି କୃଷି ଆଉ ମତ୍ସ୍ୟ ବିଭାଗ୍ ସଚିବ, କୁଳପତି ଆଉ ଚାର୍‌ହି ଜିଲ୍ଲାର୍ ଜିଲ୍ଲାପାଲ୍ ଆଭାସୀ ଜରିଏ ଯୋଗ୍ ଦେଇଥିଲେ ।

ରାଜ୍ୟ ଇ- ପ୍ରଦର୍ଶନୀ            ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଏମ୍‌ଏସ୍‌ଏମ୍‌ଇ ଗ୍ଲୋବାଲ୍ ମାର୍ଟ ପୋର୍ଟାଲ୍‌ଥି ଓଡ଼ିଶା ରାଜ୍ୟ ଇ- ପ୍ରଦର୍ଶନୀର ଉନ୍ମୋଚନ୍ କରିଛନ୍ । ଇଟା ଓଡ଼ିଶାର୍ ସୂକ୍ଷ୍ମ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍ ମାନ୍‌କର୍

କାର୍ଯ୍ୟଦକ୍ଷତାକେ ଦର୍ଶବାର୍ ସହେତେ ଜାତୀୟ ଆଉ ଅନ୍ତର୍ଜାତୀୟ ବଜାର୍‌ଥି ପ୍ରବେଶ୍ ସୁବିଧା ଯୁଗାବାର୍ ଲାଗି ଗୁଟେ ଖାସ୍ ଡିଜିଟାଲ୍ ମଂଚ ହେବା । ଇଟା ଓଡ଼ିଶାର୍ ଏମ୍‌ଏସ୍‌ଏମ୍‌ଇ ଯେନ୍ତାକି ଗୁଟେ ଜିଲ୍ଲା ଗୁଟେ ଉତ୍ପାଦ୍ ସାମଗ୍ରୀ, ଜିଆଇ ଟେଗ୍ ଥିବା ଦ୍ରବ୍ୟ, ଶିଳ୍ପ କ୍ଲଷ୍ଟର୍ ଆଉ କାରିଗରି ଉଦ୍ୟୋଗ୍ ମାନ୍‌କର୍ ଗୁଟେ ଖାସ୍ ଡିଜିଟାଲ୍ ପ୍ରଦର୍ଶନୀ ଭାବେ କାମ୍ କର୍‌ବା । ଇ ପଦକ୍ଷେପ୍ ଓଡ଼ିଶାର୍ ଏମ୍‌ଏସ୍‌ଏମ୍‌ଇ ମାନ୍‌କର୍ ଆଖିଦୃଶିଆ କାମ୍, ପ୍ରତିଯୋଗିତା ଆଉ ସମାବେଶିତାକେ ବନେ ବଢ଼ାବା ବଲି ଆଶ୍ କରାଯାଉଛେ ।

ଓଡ଼ିଶା ପୁଲିସ୍ ପଦ୍‌ବୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ପୁଲିସ୍‌ର ମୋଟ୍ ୪ ହଜାର୍ ଶହେ ୯୫ ଟା ନୂଆଁ ପଦ୍‌ବୀକେ ମଞ୍ଜୁରୀ ମିଲିଛେ । ଇଥି କନ୍‌ଷ୍ଟେବଲ୍, ଏ.ଏସ୍.ଆଇ., ହାବିଲ୍‌ଦାର୍ ମେଜର୍, ଏସ୍.ଆଇ., ଏ.ସି., ଅତିରିକ୍ତ ଏସ୍.ପି. ଡେପୁଟି କମାଣ୍ଡାଂଟ୍ ପାହ୍ୟାର୍ ଅଧିକାରୀମାନ୍‌କର୍ ପଦ୍‌ବୀ ବଢ଼ାଯାଇଛେ । ଇ ବାବ୍‌ଦେ ପୁଲିସ୍ ମୁଖ୍ୟାଳୟ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି

କରାଯାଇଛେ । ରାଜ୍ୟର୍ ୩୬ ଟା ପୁଲିସ୍ ଜିଲ୍ଲା ନ ଇ ପଦ୍ବୀ ସଂଖ୍ୟା ବଢ଼ାଯାଇଛେ ।

ଜନ୍ମାଷ୍ଟମୀ ଆର୍ଏନ୍ୟୁ /ସମ୍ବଲପୁର

ଆଏଜ୍ ହେଉଛେ ପବିତ୍ର ଜନ୍ମାଷ୍ଟମୀ । ପୁରାଣ ଶାସ୍ତ୍ର ଅନ୍ସାରେ ଭୁଦୋ ମାସର୍ ଅନ୍ଧାର୍ ପଖର୍ ଅଷ୍ଟମୀ ତିଥି ନ ଭଗବାନ ଶ୍ରୀକୃଷ୍ଣ ପୁର୍ଥି ନ ଜନମ୍ ହେଇଥିଲେ । ଶ୍ରୀକୃଷ୍ଣଙ୍କର୍ ପବିତ୍ର ଜନ୍ମ ଉତ୍ସବ୍ ସାରା ଦେଶେ ପାଲିତ୍ ହେଉଛେ ।

ପୁରୀ ଶ୍ରୀମନ୍ଦିର୍ ନ ପ୍ରଭୁ ଶ୍ରୀକୃଷ୍ଣ ଧରାବତରଣ୍ କର୍ବାର୍ ପରମ୍ପରାକେ ଅନୁକରଣ୍ କରିକରି ଆଏଜ୍ ଖାସ୍ ନୀତିକାନ୍ତି କରାଯିବା । ବିଶେଷ୍ ଭାବେ ଶ୍ରୀକୃଷ୍ଣଙ୍କର୍ ଜନ୍ମନୀତି ବିଧି ଅନ୍ସାରେ ଶ୍ରୀମନ୍ଦିର୍ ନ ସନ୍ଧ୍ୟାଧୂପ ଶେଷ୍ ହେବାର୍ ଉତ୍ରୁ କରାଯିବା । ମହାଜନ ସେବାୟତ, ଦେବକୀ ଓ ବସୁଦେବ ବେଶଥି ଉପସ୍ଥିତ ରହି ନିଶାଦ୍ଧଥି ଇ ଜନ୍ମନୀତି କର୍ବାର୍ ସହେତେ ନାଭିକଟା ମଣ୍ଡପ୍ଥି ପରମ୍ପରା ଅନ୍ସାରେ ଖାସ୍ ପୂଜାବିଧି କର୍ବେ । ଇଥିର୍ଲାଗି ବେଲ୍ବୁଡ଼ର୍ ୭ ବଜେନୁ ରାତିର୍ ୧୨ ବଜେତକ୍

ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତରଫ୍ରୁ ସୂଚ୍ନା ଦିଆଯାଇଛେ । ସେଆଡ୍ରେ ଶ୍ରୀମନ୍ଦିର୍ ନ ଗଲାକାଏଲ୍ ପ୍ରସବ ଯନ୍ତ୍ରଣାନୁ ମୁକ୍ତି ପାଏବାର୍ ଲାଗି ଯେଉଡ଼୍ ଭୋଗ ସହେତେ ଗର୍ଭ ଉଦକ ବନ୍ଦାପନା ନୀତି ହେଇଯାଇଛେ ।

ଜାତୀୟ ବନ୍ୟପ୍ରାଣୀ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ବନ୍ୟପ୍ରାଣୀମାନ୍କର୍ ସୁରକ୍ଷା ଆଉ ସେମାନ୍କର୍ ଗୁରୁତ୍ୱ ଉପ୍ରେ ଲୋକ୍ମାନ୍କୁ ସଚେତନ୍ କରାବାର୍ ଲାଗି ଦେଶେ ଫି ବଛର୍ ସେପ୍ଟେମ୍ବର୍ ୪ ତାରିଖ୍ ଦିନ 'ଜାତୀୟ ବନ୍ୟପ୍ରାଣୀ ଦିବସ୍' ପାଲନ୍ କରାଯାଏସି । ବନ୍ୟପ୍ରାଣୀମାନ୍କୁ ସୁରକ୍ଷା ଦିଗେ ପଦକ୍ଷେପ୍ ନିଆଯିବାର୍ ଲାଗି ଲୋକ୍ମାନ୍କୁ ସଚେତନ୍ କର୍ବାର୍ ସାଙ୍ଗେ ବୁଝାବାର୍ଟା ଆଝିର୍ ଦିବସ୍ ପାଲନ୍ର ମୁଖିଆ ଲକ୍ଷ୍ୟ ଆଏ ।। ଇତାର୍ଛଡ଼ା ସ୍କୁଲ୍, କଲେଜ୍ ନ ଭିନ୍ ଭିନ୍ ସଚେତନ୍ କାର୍ଯ୍ୟକ୍ରମ୍ ଭିଲ୍ କରାଯାଏସି ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଲଘୁଚାପ୍ର ପ୍ରଭାବ୍ଥି ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ପାଖାପାଖ୍ଥି ସବୁ ଜିଲ୍ଲା ନ ହାଲ୍କାନୁ ମଧ୍ୟମ୍ ଧରଣ୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଆକଲନ୍ କରାଯାଇଛେ । ଆଏବା ୧୦ ତାରିକ୍ତକ୍ ରାଜ୍ୟର୍ କେତେଟା ଜାଗା ନ ହାଲ୍କା ନୁ ମଧ୍ୟମ୍ ଧରଣ୍ର ବର୍ଷା ହେବାର୍ ସମ୍ଭାବନା ଅଛେ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୨୭ ଦଶ୍ମିକ୍ ୫/ଶୂନ୍ ଫୁଟ୍ ରହିଥିଲା । ଇହାଦେ ୭ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ ଭିନ୍ ଭିନ୍ କେନାଲ୍ ଦେଇକରି ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍ନୁ ୧ ଲାଖ୍ ୪୮ ହଜାର୍ ୪ ଶହ ୬୯ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୧ ଲାଖ୍ ୩୫ ହଜାର୍ ୭ ଶହ ୬୪ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଛେ ।